# Akashvani, Sambalpur

## SAMBALPURI NEWS EVENING BULLETIN

## 21 November 2024- 7.02 pm- 7.12 pm.

**********************************************

୧- ମହାତ୍ମାଗାନ୍ଧୀଙ୍କର୍ ବାର୍ତାକେ ପ୍ରସାରିତ୍ କର୍‌ବାର୍‌ଥି ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଅବଦାନ୍ ଅତୁଳନୀୟ - କହେଲେ ରାଷ୍ଟ୍ରପତି ।

- ନୂଆଦିଲ୍ଲୀ ନ ଡକ୍ଟର୍ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ପାଲନ୍ ଅବ୍‌ସରେ ଉନ୍ମୋଚନ୍ କଲେ ଡାକ୍‌ଟିକଟ୍ ଆର୍ ସ୍ମରଣୀୟ ମୁଦ୍ରା ।

୨- ସୁଭଦ୍ରା ଯୋଜ୍‌ନାଥି ଆଏବା ମାସ ୧ ତାରିଖ୍‌ତକ୍ ଆର୍ଥିକ୍ ସାହାଜ୍ ପାଇସାରିଥିବେ ୧ କୋଟି ମହିଳା ହିତାଧିକାରୀ - କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୩- ଭୁବ୍‌ନେଶ୍ୱର୍ ନ ପାଳିତ୍ ହେଲା ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ୍ ।

ହରେକୃଷ୍ଣ ମହତାବ୍ ଜୟନ୍ତୀ ଆର୍ଏନ୍ୟୁ/ କଟକ୍

ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର୍ ହରେକୃଷ୍ଣ ମହତାବ୍ ଓଡ଼ିଶା ନ ମହାତ୍ମାଗାନ୍ଧୀଙ୍କର୍ ବାର୍ତାକେ ପ୍ରସାରିତ୍ କର୍ବାର୍ଥି ବଡ଼ ଭୂମିକା ନେଇଥିଲେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଡକ୍ଟର୍ ମହତାବ୍ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ପାଲନ୍ ଅବ୍ସରେ ଆଏଜ୍ ହେଇଥିବା ଭବ୍ୟ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍ ଯେ, ଓଡ଼ିଶାର୍ ଲୋକ୍ମାନ୍କର୍ ଭିତ୍ରେ ଦେଶାତ୍ମବୋଧ ଭାବ ସୃଷ୍ଟି କର୍ବାର୍ଥି ଡକ୍ଟର୍ ମହତାବ୍ଙ୍କର୍ ଅତୁଲନୀୟ ଅବଦାନ୍ ରହିଥିଲା । ପ୍ରଜାତନ୍ତ୍ର ସମ୍ବାଦପତ୍ରର୍ ପ୍ରତିଷ୍ଠାତା ଡକ୍ଟର୍ ମହତାବ୍ 'ଗାଁ ମଜ୍ଲିସ୍' ସ୍ତମ୍ଭ ଲେଖନୀ ଜରିଏ ଗାଁ ଇଲାକା ନ ସାମାଜିକ ଆଉ ଅର୍ଥନୈତିକ କ୍ଷେତ୍ରଥି ବଡ଼ ପରିବର୍ତନ୍ ଆନିଥିଲେ । ୧୯୩୮ ମସିହାଥି ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁବାସ ଚନ୍ଦ୍ର ବୋଷ କଂଗ୍ରେସ୍ ସଭାପତି ଭାବେ ନିଯୁକ୍ତ ହେବାର୍ ଉତ୍ରୁ ଡକ୍ଟର୍ ମହତାବ୍ଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦଲ୍ଥି ସାମିଲ୍ କରିଥିଲେ । ଭାଷାଭିତିକ ଓଡ଼ିଶା ପ୍ରଦେଶ୍ ଗଠନ୍ କର୍ବାର୍ଥି ଡକ୍ଟର୍ ମହତାବ୍ଙ୍କର୍ ଅବଦାନ୍ ଉପ୍ରେ ଆଲୋକପାତ କରିକରି ରାଷ୍ଟ୍ରପତି କହିଛନ୍ ଯେ, ମହତାବଙ୍କର୍

ଉଦ୍ୟମ୍‌ଥି କଟକ୍‌ନୁ ଭୁବ୍‌ନେଶ୍ୱର୍‌କେ ଓଡ଼ିଶାର୍ ରାଜ୍‌ଧାନୀ ସ୍ଥାନାନ୍ତର୍ କରାଯାଇଥିଲା ।

ଡକ୍ଟର୍ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀକେ ଜାତୀୟସ୍ତର୍‌ଥି ପାଲନ୍ କରାଯାଉଥିବାର୍‌ନୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କେନ୍ଦ୍ର ସର୍‌କାର୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ ଅବ୍‌ସରେ ରାଷ୍ଟ୍ରପତି ଗୁଟେ ସ୍ମାରକୀ ଡାକଟିକଟ ଆଉ ସ୍ମରଣୀୟ ମୁଦ୍ରା ଉନ୍ମୋଚନ୍ କରିଥିଲେ । ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସାଂସଦ୍ ଭର୍ତୃହରି ମହତାବ୍ ଯୋଗ୍ ଦେଇକରି ଦେଶ୍ ଲାଗି ମହତାବ୍‌ଙ୍କର୍ ଅବଦାନ୍ ଆଉ ଭାଷା ଭିତିଥି ଓଡ଼ିଶା ଗଠନ୍‌ଥି ଡକ୍ଟର୍ ମହତାବ୍‌ଙ୍କର୍ ଭୂମିକା ଉପ୍‌ରେ ଆଲୋକପାତ କରିଥିଲେ ।

ହରେକୃଷ୍ଣ ମହତାବ ଜୟନ୍ତୀ-୩ ଆର୍‌ଏନ୍‌ୟୁ/ କଟକ୍

ଡକ୍ଟର୍ ମହତାବ୍‌ଙ୍କର୍ ଜନ୍ମ ବାର୍ଷିକୀ ସ୍ମରଣ୍ ଉତ୍ସବ୍ ଆଏଜ୍‌ଠାନୁ ୩ ଦିନ୍‌ତକ୍ ପାଲନ୍ କରାଯାଉଛେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଅନୁକୂଲ୍ୟଥି ସୂଚନା ଆଉ

ଲୋକସମ୍ପର୍କ ବିଭାଗ୍ ସହଯୋଗ୍‌ରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ହେଉଛେ । ୩ ଦିନ୍‌ତକ୍ ଡକ୍ଟର୍ ମହତାବ୍‌ଙ୍କର୍ ସ୍ମୃତିଚାରଣ୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମମାନ୍ ଆୟୋଜନ୍ କରାଯିବା ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ସୁଭଦ୍ରା ଯୋଜ୍‌ନାରେ ଆଏବା ମାସ ପହେଲାତକ୍ ୧ କୋଟି ମହିଳା ହିତାଧିକାରୀ ଆର୍ଥିକ୍ ସାହାଜ୍ ପାଇସାରିଥିବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଆଏବା ରଏବାର୍‌ତକ୍ ଆଉ ୨୦ ଲାଖ୍ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ଟଙ୍କା ଦିଆଯିବା । ପହେଲା କିସ୍ତିର ୩ ନମ୍ବର୍ ଖେପେ ରାଜ୍ୟର୍ ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ୍ କରାଯିବା । ସୁଭଦ୍ରା ଯୋଜ୍‌ନାନୁ ବାଦ୍ ପଡ଼ିଥିବା ୨ ଲାଖ୍ ୬୭ ହଜାର୍ ହିତାଧିକାରୀଙ୍କୁ ଇ ଯୋଜ୍‌ନାରେ ସାମିଲ୍ କର୍‌ବାର୍‌କେ ନେଇକରି ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଚାଲିଛେ । ଏବ୍‌ତକ୍ ୧ କୋଟି ୧୬ ଲାଖ୍ ମହିଳା ସୁଭଦ୍ରା

ଯୋଜ୍ନା ଲାଗି ଆବେଦନ୍ କରିଥିବାର୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୪ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ବିଶ୍ୱ ମତ୍ସ୍ୟ ଦିବସ୍          ସୂଚନା ଲୋକସମ୍ପର୍କ ବିଭାଗ୍

ପ୍ରଧାନ୍‌ମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା ଆଉ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ୍ ଯୋଜ୍‌ନା ଜରିଏ ଓଡ଼ିଶାକେ ମତ୍ସ୍ୟ ଉତ୍ପାଦନ୍ କ୍ଷେତ୍ରଥି ସ୍ୱାବଲମ୍ବୀ କରାଯିବା ବଲି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ବିଶ୍ୱ ମତ୍ସ୍ୟ ଦିବସ୍ ପାଲନ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀମଲ୍ଲିକ୍ କହିଛନ୍ ଯେ, ଚଲ୍‌ତି ଆର୍ଥିକ୍ ବଛର୍‌ନୁ ଆଏବା ୨୦୨୮-୨୯ ବଛର୍‌ତକ୍ ୨ ହଜାର୍ ୨ ଶହ ୩୯ କୋଟି ଟଙ୍କା ଖର୍ଚ୍ଚାଥି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ୍ ଯୋଜ୍‌ନା ରାଏଜେ ମତ୍ସ୍ୟକ୍ଷେତ୍ର ଅଭିବୃଦ୍ଧି ଦିଗେ ସାହାଜ୍ କର୍‌ବା । ସେ ଆହୁରି କହିଛନ୍ ଯେ, ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୧୧ ଦଶ୍‌ମିକ୍ ୩୩ ଲାଖ୍ ମେଟ୍ରିକ୍‌ଟନ୍ ମାଛ୍ ଉତ୍ପାଦନ୍ କରିକରି ଓଡ଼ିଶା ଦେଶେ ୪ ନମ୍ବର୍ ଠାନ୍‌ଥି ପୁହୁଁଚିଛେ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ୪ ଶହ ନୁ ଅଏତ୍‌କା ମତ୍ସ୍ୟଜୀବୀ, ମାଛ୍ ଚାଷୀ, ଉଦ୍ୟୋଗୀ ଆଉ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନେ ଯୋଗ୍ ଦେଇଥିଲେ । ମତ୍ସ୍ୟ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲତା ଲାଗି ୯ ଝନ୍‌କୁ ସମ୍ମାନିତ୍ କରାଯାଇଥିଲା ।

ଧାନ୍ ଘିନା ବ୍ୟବସ୍ଥାର୍ ସମୀକ୍ଷା-ମନ୍ତ୍ରୀ    ଝାର୍ସୁଗୁଡ଼ା

ସମ୍ବାଦଦାତା

ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଆଏଜ୍ ସୁନ୍ଦର୍‌ଗଡ଼୍ ଆର୍ ଝାର୍ସୁଗୁଡ଼ା ଜିଲ୍ଲାର୍ ଧାନ୍ ଘିନା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ଝାର୍ସୁଗୁଡ଼ା ଠାନେ ହେଇଥିବା ସମୀକ୍ଷା ବୈଠକ୍‌ଥି ଧାନ୍ ଘିନା ସମିଆଥି ଯେନ୍ତା କେନ୍‌ସି ସମସ୍ୟା ନାଇଁ ଦେଖାଦେବା ସେ ଦିଗେ ପ୍ରସ୍ତୁତ୍ ରହେବାର୍ ଲାଗି ଦୁହି ଜିଲ୍ଲାପ୍ରଶାସନ୍‌କେ ଶ୍ରୀ ନାଏକ୍ ନିର୍ଦ୍ଦେଶ୍ ଦେଇଥିଲେ । ଧାନ୍ ମଣ୍ଡିମାନ୍‌କେ ଅଦିନିଆ ବର୍ଷାନୁ ରକ୍ଷା କର୍‌ବାର୍ ଲାଗି ଝାର୍ସୁଗୁଡ଼ା ଜିଲ୍ଲାର୍ ୨୨ ଟା ପେକ୍ସ୍‌ଥି ତ୍ରେଣ୍ଡ୍ ବ୍ୟବସ୍ଥା କରାଯାଇଛେ ବଲି ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ସୂଚ୍‌ନା ଦେଇଥିଲେ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍ୱ୍ୱଣେ, ସିଡ଼ିଓ ପ୍ରବୀର୍ ନାଏକ୍, ସୁନ୍ଦର୍‌ଗଡ଼୍ ଜିଲ୍ଲା ସିଡିଓ ସୁରଞ୍ଜନ୍ ସାହୁ ପ୍ରମୁଖ ଯୋଗ୍ ଦେଇଥିଲେ ।

ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ-ଦେବ୍‌ଗଡ଼୍    ଦେବ୍‌ଗଡ଼୍

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ୩ ଦିନିଆ ଦେବ୍‌ଗଡ୍‌ ଜିଲ୍ଲା ପରିଦର୍ଶନ୍‌ଥି ଆସିଛନ୍‌ । ଇ ସମିଆଥି ଆଏଜ୍‌ ତିଲେଇବଣି ବ୍ଲକ୍‌ର ଟାଇଁସର୍‌ ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ୍‌ପଂଚାୟତ୍‌ ଆଉ କନ୍‌ସର୍‌ର ସର୍‌କାରୀ ଉଚ୍ଚପ୍ରାଥମିକ ବିଦ୍ୟାଲୟ ଯାଇକରି ମଧ୍ୟାହ୍ନ ଭୋଜନ୍‌ର ତଦାରଖ୍‌ କରିଥିଲେ ।

ଯୁବା ସମ୍ମିଳନୀ ସମ୍ବଲ୍‌ପୁର ସମ୍ବାଦଦାତା

ସମ୍ବଲ୍‌ପୁର୍‌ ଠାନେ ଆଏବା ମାସର୍‌ ୧୪ ତାରିଖ୍‌ନୁ ୧୮ ତାରିଖ୍‌ତକ୍‌ ଯୁବା ସମ୍ମିଳନୀ ହେବା । ପଶ୍ଚିମ ଓଡ଼ିଶାର୍‌ ପର୍ଯ୍ୟଟନ୍‌ର ବିକାଶ୍‌ ଲାଗି ହେବାର୍‌କେ ଥିବା ଇ ସମ୍ମିଳନୀଥି ୧୮ ଟା ଦେଶ୍‌, ୨୮ ଟା ରାଜ୍ୟ ସହେତେ ୩ ଟା କେନ୍ଦ୍ରଶାସିତ୍‌ ଅଂଚଲ୍‌ନୁ ମୋଟ୍‌ ୪ ଶହ ଯୁଆନ୍‌ ପିଲାଟୁକେଲ୍‌ ଭାଗ୍‌ ନେବେ । ଇ ସମ୍ମିଳନୀ ଜରିଏ କ୍ରୀଡ଼ା, ଶିକ୍ଷା ଆଉ ଦକ୍ଷତା ବିକାଶ୍‌କେ ନେଇକରି କେନ୍ତା ପର୍ଯ୍ୟଟନ୍‌ ଜରିଏ ପ୍ରଚାର୍‌ ପ୍ରସାର୍‌ କରାଯିବା ସେ ବାବ୍‌ଦେ ଆଲୋଚନା କରାଯିବା ।

ବିର୍ସାମୁଣ୍ଡା ଜୟନ୍ତୀ ସୁବର୍ଣ୍ଣପୁର୍‌ ସମ୍ବାଦଦାତା

ସୁବର୍ଣ୍ଣପୁର୍ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ଜନ୍ମବାର୍ଷିକୀ ପାଲନ୍ ଅବ୍ସରେ ଜନଜାତୀୟ ଗୌରବ୍ ପକ୍ଷ ପାଲିତ୍ ହେଉଛେ । ଗଲା ୧୫ ତାରିଖ୍‌ନୁ ୨୫ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ପକ୍ଷ ଅବ୍ସରେ ଜନଜାତୀୟ ଗୌରବ୍ ସମାରୋହଥି କେନ୍ଦ୍ରୀୟ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

ଜିଲ୍ଲାସ୍ତରୀୟ ସର୍ଗିଫୁଲ ନୂଆପଡ଼ା/ବୌଦ୍ଧ ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍ ବିଭାଗ୍ ତର୍‌ଫୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ସର୍ଗିଫୁଲ ଶିଶୁ ଉତ୍ସବ୍ ଆଉ ବିଜ୍ଞାନ୍ ମେଲା ଆଏଜ୍ ଉଦ୍‌ଯାପିତ୍ ହେଇଛେ । ଇ ଉତ୍ସବ୍‌ଥି ୫ ଟା ବ୍ଲକ୍ ଇଲାକା ନ ବହୁତ୍‌ଟେ ଛାତ୍ରଛାତ୍ରୀ ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲା ବଡ଼ବନ୍ଧ ଠାନେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ -ସର୍ଗିଫୁଲ ହେଇଯାଇଛେ । ଇଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ଉପଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର

ଦଣ୍ଡସେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ୍ ପ୍ରଧାନ୍ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କୁ ଉତ୍ସାହିତ୍ କରିଥିଲେ । ଇଥି ଜିଲ୍ଲାର୍ ୧୪ ଟା ସ୍କୁଲ୍‌ର ୨ ଶହ ୩୫ ଝନ୍ ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଇଥିର୍ କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ସର୍ଗିଫୁଲ୍ ଉତ୍ସବ୍‌ଥି ଯୋଗ୍ ଦେବେ ।

ବିଶ୍ୱ ଶୌଚାଳୟ ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମଲ୍ଲିକୁଦ ଆର୍ ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ବିଶ୍ୱ ଶୌଚାଳୟ ଦିବସ୍ ପାଳିତ୍ ହେଇଛେ । ଇ ଅବ୍‌ସରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ଜରିଏ ପାଇଖାନାର୍ ବେଭାର୍ ଆର୍ ସ୍ୱଚ୍ଛତା ଉପ୍‌ରେ ଛାତ୍ରଛାତ୍ରୀ ମାନ୍‌କୁ ସଚେତନ୍ କରାଯାଇଥିଲା ।

କୃଷକ ଶିକ୍ଷା ଆଉ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ସର୍‌ସରା ଗାଁ ନ ଅଣଧାନ୍ ଫସଲ୍ ଉପ୍‌ରେ କୃଷକ ଶିକ୍ଷା ଆଉ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ୍

ଆୟୋଜିତ୍ ହେଇଯାଇଛେ । ଇଥି ଚାଷୀମାନ୍‌କୁ ଫସଲ୍‌ର ବିବିଧିକରଣ୍, ପ୍ରକଳ୍ପର୍ ଲକ୍ଷ୍ୟ ଆର୍ ଦୃଷ୍ଟିକୋଣ ବିଷେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ତଲ୍‌ଗାଁ, ଲୁକାପଡ଼ା, ବୁଲୁରା ଗାଁର୍ ଚାଷୀମାନେ ଯୋଗ୍ ଦେଇଥିଲେ ।

ସିବିଏସ୍‌ଇ ୧୦ ଆର୍ ୧୨ କ୍ଲାସ୍ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସିବିଏସ୍‌ଇ ତର୍‌ଫୁ ହେଉଥିବା ୧୦ ଆର୍ ୧୨ କ୍ଲାସ୍ ପରୀକ୍ଷା ଆଏବା ଫେବୃଆରୀ ମାସ ୧୫ ତାରିଖ୍‌ନୁ ମୁଲ୍ ହେବା । ୧୦ କ୍ଲାସ୍ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ୍‌ତକ୍ ଆର୍ ୧୨ କ୍ଲାସ୍‌ର ପରୀକ୍ଷା ଏପ୍ରିଲ୍ ୪ ତାରିଖ୍‌ତକ୍ ଚାଲ୍‌ବା । ପରୀକ୍ଷାର୍ କାର୍ଯ୍ୟସୂଚୀ ସିବିଏସ୍‌ଇ ବୋର୍ଡ଼ ତର୍‌ଫୁ ବାହାରିଛେ ।